VIEWS
Empowering People

# ଦିବ୍ୟାଙ୍ଗ ମାନଙ୍କର ଅଧିକାର ଅଧିନିୟମ- ୨୦୧୬



www.viewsindia.org.in

# ଦିବ୍ୟାଙ୍ଗ ମାନଙ୍କର ଅଧିକାର ଅଧିନିୟମ

ଦିବ୍ୟାଙ୍ଗ ମାନଙ୍କର ଅଧିକାର ଅଧିନିୟମ (Rights of Persons with Disabilities Act, 2016)୨୦୧୬ ମସିହାରେ ପ୍ରଣୟନ ହୋଇ ୧୯ ଏପ୍ରିଲ, ୨୦୧୭ ମସିହାରୁ କାର୍ଯ୍ୟକାରୀ କରାଯାଇଥିଲା | ଏଥିରେ ସମୁଦାୟ ୧୭ ଟି ଅଧ୍ୟାୟ ଏବଂ ୧୦୨ ଟି ଧାରା ରହିଛି | ଏହି ଅଧିନିୟମ ମିଳିତ ଜାତିସଂଘର ଦିବ୍ୟାଙ୍ଗ ଅଧିକାର ସମ୍ମିଳନୀ କିମ୍ବା United Nations Convention on the Rights of Person with Disabilities (UNCRPD) ର ଏକ ଅଂଶ ଅଟେ |

## ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କର  ଅଧିକାର ଅଧିନିୟମ, ୨୦୧୬ ର ଲକ୍ଷ:

ଏହି ଅଧିନିୟମ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଭେଦଭାବ ଠାରୁ ବଞ୍ଚାଇଥାଏ, ସଂପୂର୍ଣ୍ଣ ପ୍ରଭାବଶାଳୀ ଭାଗିଦାରୀତାକୁ ପ୍ରୋତ୍ସାହନ ଦେଇଥାଏ । ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବାରେ ସାହାଯ୍ୟ କରିଥାଏ । ତଥା ଅବସର ସମୟ ଏବଂ ବାଧାମୁକ୍ତ ପରିବେଶ ଯୋଗାଇଦେବାରେ ସହାୟକ ହୋଇଥାଏ ।

## ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ ଅଧିନରେ ଥିବା କିଛି ଅଧିକାର:

- ସମାନତା ଏବଂ ଭେଦଭାବ ନ ହେବାର ଅଧିକାର
- ମହିଳା ଏବଂ ଶିଶୁମାନଙ୍କ ଅଧିକାର
- ସମାଜ/ ସମ୍ପ୍ରଦାୟରେ ରହିବାର ଅଧିକାର
- ନିଷ୍ଠୁରତା ଏବଂ ଅମାନୁଷିକ ବ୍ୟବହାର ରୁ ସୁରକ୍ଷା
- ଅପବ୍ୟବହାର, ହିଂସା ଏବଂ ଶୋଷଣରୁ ସୁରକ୍ଷା
- ସୁରକ୍ଷା ଏବଂ ନିରାପତ୍ତାର ଅଧିକାର
- ଶିଶୁମାନଙ୍କୁ ନିଜ ଘର, ପରିବାର ଏବଂ ପିତାମାତାଙ୍କ ଠାରୁ ଅଲଗା ନକରିବାର ଅଧିକାର
- ପ୍ରଜନନ ର ଅଧିକାର
- ଭୋଟ ରେ ଅଂଶ ଗ୍ରହଣ କରିବାର ଅଧିକାର
- ନ୍ୟାୟ ପାଇବାର ଅଧିକାର
- ଆଇନଗତ କ୍ଷମତା
- ଭିନ୍ନକ୍ଷମମାନଙ୍କୁ ଉଚ୍ଚ ସମର୍ଥନର ଅଧିକାର
- ସର୍ବସାଧାରଣ ଭବନ ଗୁଡିକୁ ବାଧାବିହୀନ ଯାତାୟତ କରିବାର ଅଧିକାର
- ଶିକ୍ଷାର ଅଧିକାର



## ସମାନତା ର ଅଧିକାର:

ସରକାର ଏହା ସୁନିଶ୍ଚିତ କରିବେ ଯେ ଆଇନ ଆଗରେ ସମସ୍ତେ ସମାନ ଏବଂ ଦିବ୍ୟାଙ୍ଗମାନଙ୍କ ସହିତ ଭେଦଭାବକୁ ଅନୁମତି ଦିଆଯିବ ନାହିଁ ।(ଅଧ୍ୟାୟ-୨, ଧାରା-୩)

## ମହିଳା ଓ ଶିଶୁମାନଙ୍କୁ ସମାନ ବ୍ୟବହାର:

- ଦିବ୍ୟାଙ୍ଗ ମହିଳା ଏବଂ ଝିଅମାନେ ସମ୍ପୂର୍ଣ, ମୁକ୍ତ ଓ ସମଭାବରେ ଜୀବନ ଯାପନ କରିବେ । (ଅଧ୍ୟାୟ-୨, ଧାରା-୪)
- ଦିବ୍ୟାଙ୍ଗ ପିଲାମାନଙ୍କର ଅନ୍ୟ ସାଧାରଣ ପିଲାମାନଙ୍କ ପରି ସମାନ ଅଧିକାର ରହିବ ଏବଂ ସେମାନେ ଅନ୍ୟମାନଙ୍କ ପରି ସମାନ ବ୍ୟବହାର ପାଇବେ ।(ଅଧ୍ୟାୟ-୨, ଧାରା-୯-୧)
- ସବୁ ଦିବ୍ୟାଙ୍ଗ ପିଲା ସେମାନଙ୍କ ମା-ବାପାଙ୍କ ସହିତ ରହିବେ, ଯଦି ମା-ବାପା ଯତ୍ନ ନେବାରେ ଅସମର୍ଥ ତେବେ ନ୍ୟାୟାଳୟ ନିଷ୍ପତ୍ତି ନେବେ ଯେ ଦିବ୍ୟାଙ୍ଗ ପିଲା ବା ବ୍ୟକ୍ତିଙ୍କୁ ସାହିରେ କିମ୍ବା ବିଶେଷ ଗୃହରେ ରଖିବେ । (ଅଧ୍ୟାୟ-୨, ଧାରା-୯-୨)



## ନିଷ୍ଠୁରତା ଅମାନୁଷିକ ବ୍ୟବହାରରୁ ସୁରକ୍ଷା:

- ଦିବ୍ୟାଙ୍ଗମାନଙ୍କ ପ୍ରତି ଅତ୍ୟାଚାର ବା କୌଣସି ନିଷ୍ଠୁର ଆଚରଣ ହେବ ନାହିଁ । (ଅଧ୍ୟାୟ -୨, ଧାରା – ୬-୧)
- ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସମସ୍ତ ପ୍ରକାର ଅସମ୍ମାନ, ଉଗ୍ର ଆଚରଣ ଓ ଶୋଷଣରୁ ସୁରକ୍ଷା ପ୍ରଦାନ କରାଯିବ । (ଅଧ୍ୟାୟ-୨, ଧାରା - ୭-୧)
- ଅପରାଧ ପାଇଁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି, ଯାହା ଜୋରିମାନା ଅବା ଜେଲ ଦଣ୍ଡ ବା ଉଭୟ ହୋଇପାରେ । (ଅଧ୍ୟାୟ – ୨, ଧାରା - ୭-୩)

## ଶିକ୍ଷା:

- ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦିବ୍ୟାଙ୍ଗ ପିଲାମାନଙ୍କୁ କୌଣସି ଭେଦଭାବ ନରଖି ନାମ ଲେଖାଇବେ । ଖେଳ ଓ ମନୋରଞ୍ଜନ ପାଇଁ ଅନ୍ୟ ପିଲାଙ୍କ ପରି ସମାନ ସୁଯୋଗ ଦେବେ । (ଅଧ୍ୟାୟ-୩, ଧାରା-୧୬)
- ପ୍ରତ୍ୟେକ ଦିବ୍ୟାଙ୍ଗ ପିଲା (୪୦% ପ୍ରମାଣପତ୍ର ଅନୁସାରେ) ୬–୧୮ ବର୍ଷ ବୟସ ମଧ୍ୟରେ ନିଜ ଇଛାରେ ଘରପାଖରେ ଥିବା ବିଦ୍ୟାଳୟ ଅବା ବିଶେଷ ବିଦ୍ୟାଳୟରେ ନାମ ଲେଖାଇ ପାରିବେ ।(ଅଧ୍ୟାୟ-୩, ଧାରା-୧୭ -ଛ ଓ ଜ ଏବଂ ଅଧ୍ୟାୟ-୬, ଧାରା-୩୧)
- ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ୫% ସଂରକ୍ଷଣର ବ୍ୟବସ୍ଥା କରିବେ । (ଅଧ୍ୟାୟ-୬, ଧାରା-୩୨)
- ବିଦ୍ୟାଳୟ ଓ ମହାବିଦ୍ୟାଳୟମାନେ ନିଜ ପରିସର, ଶ୍ରେଣୀ ଗୃହ ଓ ଖେଳ ପଡିଆକୁ ସୁଗମ୍ୟ ତଥା ବାଧାମୁକ୍ତ କରିବେ, ବିଦ୍ୟାଳୟ ଅଧିକାରୀମାନେ ଦୃଷ୍ଟିହୀନଙ୍କ ପାଇଁ ବ୍ରେଲ୍ ବହି, ସ୍ୱଳ୍ପ ଦୃଷ୍ଟି ସମ୍ପନ୍ନଙ୍କ ପାଇଁ ବଡ ଅକ୍ଷର ଲେଖାଥିବା ବହି ଏବଂ ହୁଇଲଚେୟାର ପାଇଁ ରାମ୍ପର ବ୍ୟବସ୍ଥା କରିବେ । (ଅଧ୍ୟାୟ-୩, ଧାରା-୧୬ ଏବଂ ଅଧ୍ୟାୟ-୮, ଧାରା-୪୦)
- ପିଲାମାନଙ୍କୁ ଆବଶ୍ୟକ ମୁତାବକ ଶିକ୍ଷା ପ୍ରଦାନ କରାଯିବ । (ଅଧ୍ୟାୟ-୩, ଧାରା-୧୬ ଙ)



## ନିଯୁକ୍ତି:

- ଏହା ଅକ୍ଷମତା ଆଧାରରେ ରୋଜଗାରରେ ଭେଦଭାବକୁ ବାରଣ କରେ ।
- ସମସ୍ତ ସରକାରୀ ପଦଗୁଡିକର ୧% ଦୃଷ୍ଟିହୀନ / ସ୍ୱଳ୍ପ ଦୃଷ୍ଟିଶକ୍ତି ବିଶିଷ୍ଟ ବ୍ୟକ୍ତିଙ୍କ ପାଇଁ ସଂରକ୍ଷିତ ରହିବ ।
- ସରକାରୀ ଚାକିରୀରେ ୪% ଦିବ୍ୟାଙ୍ଗମାନଙ୍କ ନିଯୁକ୍ତି ପାଇଁ ସଂରକ୍ଷିତ ।
- ଦିବ୍ୟାଙ୍ଗମାନଙ୍କ ପାଇଁ ରିହାତି ମୂଲ୍ୟରେ ଋଣ ଯୋଗାଇଦେବା ର ବ୍ୟବସ୍ଥା ।

## ଖେଳ, ଫୁରସତ ଓ ଚିତ୍ତ ବିନୋଦନ:

- ଦିବ୍ୟାଙ୍ଗମାନଙ୍କ ପାଇଁ ବହି, ଟିଭି, ପ୍ରେକ୍ଷାଳୟ, ଚଳଚ୍ଚିତ୍ର ଓ ସଂଗ୍ରହାଳୟର ସୁଗମ୍ୟ ବ୍ୟବସ୍ଥା । (ଅଧ୍ୟାୟ-୫, ଧାରା-୨୯ ଓ ୩୦)
- ଦିବ୍ୟାଙ୍ଗ କଳାକାର ଓ ଲେଖକମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଓ ସହଯୋଗ । (ଅଧ୍ୟାୟ-୫, ଧାରା-୨୯-କ)
- ଦିବ୍ୟାଙ୍ଗମାନଙ୍କୁ ନାଚ, ଚିତ୍ରକଳା, ବାହ୍ୟଶିବିର ଓ ଦୂର ସାହସିକ ଯାତ୍ରାଗୁଡ଼ିକ ପାଇଁ ସହଯୋଗ । (ଅଧ୍ୟାୟ-୫, ଧାରା-୨୯-ଙ)
- ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ଭାଗ ନେବାପାଇଁ ସୁଯୋଗ ଯୋଗାଇଦେବେ । (ଅଧ୍ୟାୟ-୫, ଧାରା - ୩୦- ୧)
- ଦିବ୍ୟାଙ୍ଗମାନଙ୍କ ପାଇଁ ସମ୍ମାନ ପ୍ରଦାନ । (ଅଧ୍ୟାୟ-୫, ଧାରା-୩୦)
- ଖେଳ ଏବଂ ଚିତ୍ତ ବିନୋଦନ ସ୍ଥାନ ଗୁଡ଼ିକ ସୁଗମ୍ୟ ହେବା ଦରକାର । (ଅଧ୍ୟାୟ-୬, ଧାରା-୩୨)



## ମତଦାନ:

- ଯେଉଁ ଦିବ୍ୟାଙ୍ଗମାନଙ୍କୁ ୧୮ ବର୍ଷ, ସେମାନେ ମତଦାନ କରିପାରିବେ । (ଅଧ୍ୟାୟ-୨, ଧାରା-୧୧) .
- ସମସ୍ତ ମତଦାନ କେନ୍ଦ୍ରକୁ ସୁଗମ୍ୟ କରାଯିବ । (ଅଧ୍ୟାୟ-୨, ଧାରା-୧୧)
- ଉପକରଣଗୁଡ଼ିକୁ ବୁଝିବାରେ ସହଜ ହେବା ପାଇଁ, ନିର୍ବାଚନ ମତଦାନ ପ୍ରଣାଳୀ ସହଜ ହୋଇଥିବ ଯାହା ବୁଝିବାକୁ ସହଜ ହେବ ଯେପରିକି ବ୍ରେଲ୍, ବଡ ଅକ୍ଷର ଲେଖା ଥିବା ବହି, ସହଜରେ ଶୁଣିପାରୁଥିବା ଅଡିଓ ରେକର୍ଡ ଏବଂ ଛବି ସମ୍ବଳିତ ସୂଚନା ଇତ୍ୟାଦି । (ଅଧ୍ୟାୟ-୨, ଧାରା-୧୧)

## ନ୍ୟାୟ ପାଇବା:

- ଦିବ୍ୟାଙ୍ଗବ୍ୟକ୍ତିଙ୍କର ଅନ୍ୟମାନଙ୍କ ପରି ନ୍ୟାୟାଳୟ ଯିବା, କାହାକୁ ସାଥିରେ ନେବା ଏବଂ ଶୁଣାଣିରେ ଭାଗ ନେବା ଇତ୍ୟାଦିର ଅଧିକାର ଅଛି । (ଅଧ୍ୟାୟ-୨, ଧାରା-୧୨)
- ସେମାନେ ନିଜର ସମସ୍ୟା ଗୁଡ଼ିକୁ ମୁଖ୍ୟ ଆୟୁକ୍ତ ଅବା ରାଜ୍ୟ ଆୟୁକ୍ତଙ୍କ ନିକଟରେ ଏବଂ ସମସ୍ତ ନ୍ୟାୟାଳୟ ଗୁଡ଼ିକରେ ପଞ୍ଜିକୃତ କରିପାରିବେ । (ଅଧ୍ୟାୟ-୪, ଧାରା-୨୩)
- ନ୍ୟାୟାଳୟ ଗୁଡ଼ିକରେ ସମସ୍ତ ତଥ୍ୟ ସମ୍ବଳିତ କାଗଜପତ୍ର ଏବଂ ପ୍ରଣାଳୀ ସୁବିଧାରେ ଯେପରିକି ଦୃଷ୍ଟିବାଧିତଙ୍କ ପାଇଁ ବ୍ରେଲ୍ ଏବଂ ଅଡ଼ିଓ ଭାବରେ ଉପଲବ୍ଧ ହେବା ଆବଶ୍ୟକ । (ଅଧ୍ୟାୟ-୨, ଧାରା ୧୨-୪)
- ପ୍ରତ୍ୟେକ ଜିଲ୍ଲାରେ ବିଶେଷ ନ୍ୟାୟାଳୟଙ୍କ ମାଧ୍ୟମରେ ଶୀଘ୍ର ବିଚାର ବ୍ୟବସ୍ଥା । (ଅଧ୍ୟାୟ-୧୩, ଧାରା-୮୪)

## ଅପରାଧ ଏବଂ ଦଣ୍ଡ ବ୍ୟବସ୍ଥା:

- ଦିବ୍ୟାଙ୍ଗବ୍ୟକ୍ତିଙ୍କ ଅଧିକାର ଅଧିନିୟମ ୨୦୧୬ ରେ ଥିବା ନିୟମ ଭଙ୍ଗ କଲେ ୬ ମାସ ଜେଲ୍ ଅବା ୧୦ ହଜାର ଟଙ୍କା ଅର୍ଥ ଦଣ୍ଡ ଅବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି ।
- ୨ୟ ଥର ପାଇଁ ଅପରାଧ କଲେ ଦୁଇ ବର୍ଷ ଜେଲ୍ ଓ ୫୦ ହଜାର ଟଙ୍କାରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡ ମିଳିବ ।
- ଦିବ୍ୟାଙ୍ଗ ବ୍ୟକ୍ତି (୪୦ % ପ୍ରମାଣପତ୍ର ଅନୁସାରେ) ପାଇଥିବା କୌଣସି ସୁବିଧାର ଦୁରୁପଯୋଗ କଲେ ଦଣ୍ଡ ମିଳିବ, ୨ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଦଣ୍ଡ ଅବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି ।
- ଜାଣିଶୁଣି ଅପମାନ ଦେବା ସହିତ ଦିବ୍ୟାଙ୍ଗ ଶିଶୁ ଅବା ମହିଳାଙ୍କର ଯୌନ ଶୋଷଣ ହୋଇଥିଲେ ୬ ମାସରୁ ୫ ବର୍ଷ ପର୍ଯ୍ୟନ୍ତ ଦଣ୍ଡର ବ୍ୟବସ୍ଥା ଓ ଜୋରିମାନାର ବ୍ୟବସ୍ଥା ରହିଛି ।

## ସୁବିଧା ସୁଯୋଗର ଉପଲବ୍ଧତା:

- ଏହି ସବୁ କ୍ଷେତ୍ରରେ ସୁବିଧା ସୁଯୋଗ ଗୁଡ଼ିକୁ ସହଜରେ ଉପଲବ୍ଧ ହେବା ଦରକାର ଯଥା ନ୍ୟାୟାଳୟ, ରାଜନୈତିକ, ସାଂସ୍କୃତିକ, ଅର୍ଥନୈତିକ ଓ ଶିକ୍ଷା ଅନୁଷ୍ଠାନ, ଗୃହ ନିର୍ମାଣ ବିଭାଗ, ନିଯୁକ୍ତି ସମ୍ପର୍କିତ ଅନୁଷ୍ଠାନ , ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟାଳୟ ଇତ୍ୟାଦି ।
- ବାଧ୍ୟତାମୂଳକ ଭାବରେ ସୁନିଶ୍ଚିତ କରାଇବା ଏବଂ ଉପଯୁକ୍ତ ସ୍ତରର ସୁବିଧା ସୁଯୋଗ ଯୋଗାଇଦେବା । (ଅଧ୍ୟାୟ-୮, ଧାରା -୪୪)
- ଏହି ଦିଗରେ ଉପଯୁକ୍ତ ବ୍ୟବସ୍ଥା ଏବଂ ସର୍ବଜନ ଆଦୃତ ଡିଜାଇନ୍ ଦିଆଯିବ । (ଅଧ୍ୟାୟ- ୨, ଧାରା ୫)
- ଯାତାୟାତ-ବସ ରହୁଥିବା ସ୍ଥାନ, ରେଳଷ୍ଟେସନ୍, ବିମାନବନ୍ଦର, ଯାନବାହାନ ରହୁଥିବା ସ୍ଥାନ, ଶୌଚାଳୟ, ଟିକେଟ୍ କେନ୍ଦ୍ର ଓ ଟିକେଟ ଯନ୍ତ୍ର ଏବଂ ଯାତାୟାତ ଇତ୍ୟାଦିରେ ଉପଯୁକ୍ତ ସୁବିଧା ସୁଯୋଗର ବ୍ୟବସ୍ଥା ।(ଅଧ୍ୟାୟ-୫, ଧାରା-୪୧-୧)

## ଅଧିକାର ଗୁଡ଼ିକର ପ୍ରସାର ଓ ବୃଦ୍ଧି:

- ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ନିଯୁକ୍ତିରେ ୩ % ରୁ ୪% କୁ ସଂରକ୍ଷଣ ବୃଦ୍ଧି । (ଅଧ୍ୟାୟ-୬, ଧାରା-୪୩-୧)
- ଉଚ୍ଚଶିକ୍ଷା ପାଇଁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ନାମଲେଖାରେ ୩% ରୁ ୫% କୁ ସଂରକ୍ଷଣ ବୃଦ୍ଧି । (ଅଧ୍ୟାୟ-୬, ଧାରା-୩୨-୧)
- ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ୩% ରୁ ୫% କୁ ସଂରକ୍ଷଣ ବୃଦ୍ଧି । (ଅଧ୍ୟାୟ-୬, ଧାରା-୩୭ –ଖ)

## ସୂଚନା ଏବଂ ଯୋଗାଯୋଗ ସମସ୍ତଙ୍କୁ ଉପଲବ୍ଧ ହେବା:

- ସୂଚନା ପତ୍ର ଏବଂ ବୈଦ୍ୟୁତିକ ଗଣମାଧ୍ୟମର ସମସ୍ତ ତଥ୍ୟ ବ୍ରେଲ୍, ଅଡ଼ିଓ ମାଧ୍ୟମ, ବଡ଼ ଅକ୍ଷର ଲେଖାଥିବା ବହି ଏବଂ ସାଙ୍କେତିକ ଭାଷାରେ ସହଜରେ ଉପଲବ୍ଧ ହେବା ଆବଶ୍ୟକ । (ଅଧ୍ୟାୟ-୮, ଧାରା-୪୨)
- ବୈଦ୍ୟୁତିକ ଗଣମାଧ୍ୟମ ତଥ୍ୟଗୁଡିକୁ ଅଡ଼ିଓ ବର୍ଣ୍ଣନା ଆକାରରେ, ସାଙ୍କେତିକ ଭାଷା ଅନୁବାଦକାରୀ, ଅନୁଶୀର୍ଷକ ସହିତ ଦେବେ । (ଅଧ୍ୟାୟ-୮, ଧାରା-୪୨-ଖ)



- ବୈଦ୍ୟୁତିକ ଉପକରଣ ଗୁଡ଼ିକ ଯାହା ସବୁଦିନ ବ୍ୟବହାର କରାଯାଉଛି ତାହା ସର୍ବଜନ ବ୍ୟବହାର ଯୋଗ୍ୟ ହେବା ଆବଶ୍ୟକ । (ଅଧ୍ୟାୟ-୮, ଧାରା-୪୨-ଗ)
- ଜନସାଧାରଣ ସୂଚନା ସବୁ ସ୍ଥାନରେ ସହଜରେ ପଢ଼ିହେଉଥିବା ସାଙ୍କେତିକ ଭାଷା ଓ ବ୍ରେଲ୍ ଇତ୍ୟାଦିରେ ଉପଲବ୍ଧ ହେବା ଆବଶ୍ୟକ । (ଅଧ୍ୟାୟ-୮, ଧାରା-୪୨)
- ସେବା ଯୋଗାଇ ଦେଉଥିବା ହୋଟେଲ, ସିନେମା ହଲ, ଦୋକାନ, ବ୍ୟାଙ୍କ ଇତ୍ୟାଦି ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇ ଦେବେ । (ଅଧ୍ୟାୟ-୫, ଧାରା-୨୯)
- ନୂତନ ଟେକ୍ନୋଲୋଜି ଆଧାରିତ ସୁବିଧା ଯୋଗାଇ ଦେବେ ।(ଅଧ୍ୟାୟ-୫, ଧାରା-୨୯- ଛ)

### ଭୂମି ଏବଂ ବାସଗୃହ:

- ଭୂମି ଓ ଗୃହ ବଣ୍ଟନରେ ୫ % ସଂରକ୍ଷଣ ବ୍ୟବସ୍ଥା ରହିଛି ଏବଂ ସମସ୍ତ ବିକାଶମୂଳକ ଯୋଜନାରେ ଦିବ୍ୟାଙ୍ଗ ମହିଳାଙ୍କୁ (୪୦ % ପ୍ରମାଣପତ୍ର ଅନୁସାରେ) ପ୍ରାଧାନ୍ୟ ଦିଆଯିବ । (ଅଧ୍ୟାୟ-୬, ଧାରା-୩୭-କ)
- ରିହାତି ହାରରେ ଜମି ଆବଣ୍ଟନରେ ୫% ସଂରକ୍ଷିତ ରହିବ, ଯେଉଁଠାରେ କି ଜମିଟି ଗୃହ, ଆଶ୍ରୟସ୍ଥଳୀ, ବୃତ୍ତି, ବ୍ୟବସାୟ, ଉଦ୍ୟୋଗ, ମନୋରଞ୍ଜନ କେନ୍ଦ୍ର ଏବଂ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପାଇଁ ବ୍ୟବହୃତ ହେବ । (ଅଧ୍ୟାୟ- ୬, ଧାରା -୩୭-ଗ)

# ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଥିବା କିଛି ଯୋଜନା

### ୧. ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ମ୍ୟାଟ୍ରିକ୍ ପୂର୍ବବର୍ତ୍ତୀ ଏବଂ ମ୍ୟାଟ୍ରିକ୍ ପରବର୍ତ୍ତୀ ସ୍ତରରେ ଛାତ୍ରବୃତ୍ତି ଯୋଜନା:

ଏହି ଯୋଜନା ଅନ୍ତର୍ଗତ ଛାତ୍ରବୃତ୍ତି ନବମ, ଦଶମ, ଏକାଦଶ, ଦ୍ୱାଦଶ, ମାଟ୍ରିକ୍ ପରବର୍ତ୍ତୀ ଡିପ୍ଲୋମା / ସାର୍ଟିଫିକେଟ୍ ଏବଂ ସ୍ନାତକ ଡିଗ୍ରୀ କିମ୍ବା ଭାରତରେ ଡିପ୍ଲୋମା ଏବଂ ୟୁ.ଜି.ସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଯେକୌଣସି ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ଅଧ୍ୟୟନ ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉପଲବ୍ଧ ହେବ ।

### ଯୋଗ୍ୟତା:

- ଛାତ୍ରବୃତ୍ତି କେବଳ ଭାରତର ନାଗରିକଙ୍କ ପାଇଁ ଉପଲବ୍ଧ ।
- ୪୦ % ରୁ ଅଧିକ ଅକ୍ଷମତା ଥିବା ଅନିବାର୍ଯ୍ୟ ।
- ସମାନ ପିତାମାତାଙ୍କର ଦୁଇରୁ ଅଧିକ ଦିବ୍ୟାଙ୍ଗ ପିଲା ଏହି ଯୋଜନାର ଲାଭ ପାଇବାକୁ ଯୋଗ୍ୟ ହେବେ ନାହିଁ । କିନ୍ତୁ ଯଦି ଦ୍ୱିତୀୟ ସନ୍ତାନ ଯାଆଁଳା ଶିଶୁ, ତେବେ ଏହି ଯୋଜନା ଅନ୍ତର୍ଗତ ଛାତ୍ରବୃତ୍ତି ଉଭୟ ଯାଆଁଳା ପିଲାଙ୍କ ପାଇଁ ଗ୍ରହଣୀୟ ହେବ ।
- ଯେ କୌଣସି ଶ୍ରେଣୀରେ ଅଧ୍ୟୟନ ପାଇଁ ଛାତ୍ରବୃତ୍ତି କେବଳ ଗୋଟିଏ ବର୍ଷ ପାଇଁ ଉପଲବ୍ଧ ହେବ। ଯଦି କୌଣସି ଛାତ୍ରଛାତ୍ରୀଙ୍କୁ ଏକ ଶ୍ରେଣୀର ପୁନରାବୃତ୍ତି କରିବାକୁ ପଡିବ, ତେବେ ସେ ଦ୍ୱିତୀୟ (କିମ୍ବା ପରବର୍ତ୍ତୀ) ବର୍ଷ ପାଇଁ ସେହି ଶ୍ରେଣୀ ପାଇଁ ବୃତ୍ତି ପାଇବେ ନାହିଁ ।
- ଏହି ଛାତ୍ରବୃତ୍ତି ପାଉଥିବା ଛାତ୍ର ବା ଛାତ୍ରୀ ଅନ୍ୟ କୌଣସି ବୃତ୍ତି / ଷ୍ଟାଇପେଣ୍ଡ ପାଇଁ ପଞ୍ଜୀକରଣ କରି ପାରିବେ ନାହିଁ ।

### ଆର୍ଥିକ ଅନୁଦାନ:

- ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଙ୍କ ପାଇଁ ମାସିକ ୬୦୦ ଟଙ୍କା ଏବଂ ବାହାରେ ରହୁଥିବା ଛାତ୍ରଛାତ୍ରୀ ଙ୍କ ପାଇଁ ମାସିକ ୩୫୦ ଟଙ୍କା।
- ଏହି ଅନୁଦାନ ୧୦ ମାସ ପାଇଁ ଦିଆଯିବ।
- ବହିପତ୍ର ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ୧୦୦୦ ଟଙ୍କା ବାର୍ଷିକ ଦିଆଯିବ।



## ୨. ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉତ୍କୃଷ୍ଟ ଶ୍ରେଣୀୟ ଉଚ୍ଚ ଶିକ୍ଷା ପାଇଁ ଛାତ୍ରବୃତ୍ତି ଯୋଜନା ।

ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ସମ୍ପୂର୍ଣ୍ଣ ଆର୍ଥିକ ସହାୟତା ପ୍ରଦାନ କରି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷାକୁ ଚିହ୍ନିବା ଏବଂ ପ୍ରୋତ୍ସାହିତ କରିବା ।

### ଯୋଗ୍ୟତା:

- ସେ ଭରତୀୟ ନାଗରିକ ହୋଇଥିବେ ।
- ଏହି ଯୋଜନା ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ କିମ୍ବା ଡିପ୍ଲୋମା ସ୍ତରରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ।
- ଆବେନକାରୀଙ୍କ ପାଖରେ ୪୦ % ରୁ ଅଧିକ ଅକ୍ଷମତା ର ପରିଚୟ ପତ୍ର ଥିବ ।
- ସଂପୃକ୍ତ ଅନୁଷ୍ଠାନ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ / ଡିପ୍ଲୋମା ସ୍ତରରେ ପୂର୍ଣ୍ଣକାଳୀନ ପାଠ୍ୟକ୍ରମରେ ଯୋଗଦାନ କରିବା ପାଇଁ ଯେକୌଣସି ବିଜ୍ଞପ୍ତି ପ୍ରାପ୍ତ ଅନୁଷ୍ଠାନରେ ଆଡମିଶନ ପାଇଥିବେ ।
- ଏହି ଯୋଜନା ଅଧୀନରେ ଛାତ୍ରବୃତ୍ତି ଦୂରତା ଶିକ୍ଷା / ପାର୍ଟ ଟାଇମ୍ / ସାପ୍ତାହ ଅନ୍ତ ପାଠ୍ୟକ୍ରମ ରେ ଅଂଶ ଗ୍ରହଣ କରିବା ପାଇଁ ଗ୍ରହଣୀୟ ହେବ ନାହିଁ ।
- ସେ ଆଉ କୌଣସି ଛାତ୍ରବୃତ୍ତି ଯୋଜନା ଅଧୀନରେ ସୁବିଧା ପାଉ ନଥିବେ ।
- ତାଙ୍କର ପାରିବାରିକ ଆୟ ବାର୍ଷିକ ୬ ଲକ୍ଷ୍ୟ ରୁ ଅଧିକ ହୋଇ ନଥିବ ।
- ଗୋଟେ ପାରିବାର ର ୨ ଜଣ ରୁ ଅଧିକଙ୍କୁ ଏ ସୁବିଧା ମିଳିବ ନାହିଁ ।

### ଆର୍ଥିକ ଅନୁଦାନ:

- ଟିଉସନ ଫି କିମ୍ବା ସଂସ୍ଥା ର ଅନ୍ୟାନ୍ୟ ଦେୟ ବାବଦରେ ବାର୍ଷିକ ୨ ଲକ୍ଷ ପର୍ଯ୍ୟନ୍ତ ।
- ରକ୍ଷଣାବେକ୍ଷଣ ଭତ୍ତା ନିମନ୍ତେ ହଷ୍ଟେଲରେ ରହୁଥିବା ଛାତ୍ରଛାତ୍ରୀ ଙ୍କ ପାଇଁ ମାସକୁ ୩୦୦୦ ଟଙ୍କା ଏବଂ ବାହାରେ ରହୁଥିବା ଛାତ୍ରଛାତ୍ରୀ ଙ୍କ ପାଇଁ ମାସକୁ ୧୫୦୦ ଟଙ୍କା ।
- ସ୍ୱତନ୍ତ୍ର ଭତ୍ତା (ପାଠକ ଭତ୍ତା, ଏସକର୍ଟ, ହେଲପର ଭତ୍ତା ଇତ୍ୟାଦି ପ୍ରକାରର ଅକ୍ଷମତା ସହିତ ଜଡିତ ସହାୟତା ନିମନ୍ତେ) ମାସକୁ ୨୦୦୦ ଟଙ୍କା ।
- ବହି ଏବଂ ଅନ୍ୟାନ୍ୟ ପାଠ୍ୟ ସରଞ୍ଜାମ ପାଇଁ ବାର୍ଷିକ ୫୦୦୦ ଟଙ୍କା ।
- କମ୍ପ୍ୟୁଟର କ୍ରୟ କରିବା ପାଇଁ ୩୦୦୦୦ ଟଙ୍କା ଏକକାଳୀନ ।
- ମନୋନୀତ ପ୍ରାର୍ଥୀଙ୍କ ନିର୍ଦ୍ଦିଷ୍ଟ ଅକ୍ଷମତା ସହ ଜଡିତ ଆବଶ୍ୟକୀୟ ସଫ୍ଟୱେର୍ ଏବଂ ଅନ୍ୟାନ୍ୟ ସହାୟକ ଉପକରଣ କ୍ରୟ ପାଇଁ ୩୦୦୦୦ ଟଙ୍କା ଏକକାଳୀନ ।

## ୩. ବାଣିଶ୍ରୀ ଛାତ୍ରବୃତ୍ତି ଯୋଜନା:

ସ୍ୱତନ୍ତ୍ର ଆବଶ୍ୟକତା ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଛାତ୍ରବୃତ୍ତି ଦେବାର ମୂଳ ଉଦ୍ଦେଶ୍ୟ ହେଉଛି ସେମାନଙ୍କୁ ଅଧ୍ୟୟନ ସହିତ ବୈଷୟିକ / ବୃତ୍ତିଗତ / ଧନ୍ଦାମୂଳକ ତାଲିମ ନେବାକୁ ସାହାଯ୍ୟ କରିବା ଏବଂ ଉତ୍ସାହିତ କରିବା, ଯାହା ଦ୍ୱାରା ସେମାନେ ରୋଜଗାର କରି ସମାଜର ଉପଯୋଗୀ ସଦସ୍ୟ ହୋଇପାରିବେ ।

### ଯୋଗ୍ୟ ହିତାଧିକାରୀ :

ଏହି ଯୋଜନା ସେହି ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ କି,

- ପ୍ରାଥମିକ ଶିକ୍ଷା ଗ୍ରହଣ କରୁଥିବେ । (ପ୍ରଥମ ରୁ ପଞ୍ଚମ ଶ୍ରେଣୀ)
- ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବେ କିନ୍ତୁ ଭାରତ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଛାତ୍ରବୃତ୍ତି ରେ ଅନ୍ତର୍ଭୁକ୍ତ ନଥିବେ । (ଷଷ୍ଠ ରୁ ଦଶମ ଶ୍ରେଣୀ)
- କଲେଜ /ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବେ କିନ୍ତୁ ଭାରତ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଛାତ୍ରବୃତ୍ତି ରେ ଅନ୍ତର୍ଭୁକ୍ତ ନଥିବେ ।
- ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟ / ସରକାରୀ ଅନୁଷ୍ଠାନ ମାଧ୍ୟମରେ ଦୂରତା ଶିକ୍ଷା ରେ ଯୋଗଦାନ କରିଥିବେ ।
- କୌଣସି ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ ବୈଷୟିକ / ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରୁଥିବେ ।



## ଯୋଗ୍ୟତା:

- ଆବେଦନକାରୀ ନିଶ୍ଚିତ ଭାବରେ ଓଡ଼ିଶାର ଜଣେ ବାସିନ୍ଦା ହୋଇଥିବେ।
- ଆବେଦନକାରୀ ନିଶ୍ଚିତ ଭାବରେ ଏକ ଶିକ୍ଷାନୁଷ୍ଠାନର ନିୟମିତ ଛାତ୍ର ବା ଛାତ୍ରୀ ହେବା ଆବଶ୍ୟକ |
- ଆବେଦନକାରୀଙ୍କ ପିତାମାତା / ପରିବାରର ଆୟ ବାର୍ଷିକ ୬୦,୦୦୦ ରୁ ଅଧିକ ହେଇ ନଥିବ |
- ଆବେଦନକାରୀ ରାଜ୍ୟ ସରକାର / କେନ୍ଦ୍ର ସରକାରଙ୍କ ଠାରୁ କୌଣସି ଆର୍ଥିକ ସହାୟତା / ବୃତ୍ତି ଗ୍ରହଣ କରୁନଥିବେ, ଅନ୍ୟ କୌଣସି ଯୋଜନା ଅଧୀନରେ |

## ଆର୍ଥିକ ଅନୁଦାନ:



- ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ମାସିକ ୨୦୦ ଟଙ୍କା |
- ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ମାସିକ ୨୫୦ ଟଙ୍କା |
- ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ର ଛାତ୍ରଛାତ୍ରୀ ମାନଙ୍କ ପାଇଁ ମାସିକ ୩୦୦ ଟଙ୍କା |
- ସ୍ନାତକୋତ୍ତର ଛାତ୍ରଛାତ୍ରୀ ମାନଙ୍କ ପାଇଁ ମାସିକ ୩୫୦ ଟଙ୍କା |
- ବୈଷୟିକ / ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ମାସିକ ୩୫୦ ଟଙ୍କା |

## ୪. ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଇଁ ଦେୟମୁକ୍ତ ଲାପଟପ୍ ବଣ୍ଟନ ଯୋଜନା

### ଉଦ୍ଦେଶ୍ୟ:

ଉଚ୍ଚଶିକ୍ଷା ତଥା ବୈଷୟିକ / ବୃତ୍ତିଗତ ଶିକ୍ଷା ଗ୍ରହଣ କରୁଥିବା ଦୃଷ୍ଟିହୀନ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସଫ୍ଟୱେର୍ ଇନଷ୍ଟଲ ଥିବା କମ୍ପ୍ୟୁଟର ଭଳି ବିଶେଷ ସମର୍ଥନ ବିନା, ପାଠ୍ୟକ୍ରମ ଅନୁସରଣ କରିବା କଷ୍ଟକର ହୁଏ | ତେଣୁ ଲାପଟପ୍ ଗୁଡିକ କେବଳ ଏହିପରି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଶିକ୍ଷଣ ଆବଶ୍ୟକତା ପୂରଣ କରିବାରେ ସକ୍ଷମ କରିବ ନାହିଁ ବରଂ ଏକ ଦ୍ରୁତ ପରିବର୍ତ୍ତନଶୀଳ ସମାଜର ଆହ୍ୱାନର ସମ୍ମୁଖୀନ ହେବାକୁ ମଧ୍ୟ ପ୍ରସ୍ତୁତ କରିବ |

### ଯୋଗ୍ୟତା:

- ଆବେଦନକାରୀ ନିଶ୍ଚିତ ଭାବରେ ଓଡିଶାର ବାସିନ୍ଦା ହୋଇଥିବେ |
- ଜଣେ ଆବେଦନକାରୀଙ୍କ ୪୦% କିମ୍ବା ତା'ଠାରୁ ଅଧିକ ଅକ୍ଷମତା ପ୍ରମାଣପତ୍ର ଥିବା ଆବଶ୍ୟକ |
- ଆବେଦନକାରୀ ନିଶ୍ଚିତ ଭାବରେ ନିମ୍ନଲିଖିତ ପାଠ୍ୟକ୍ରମ ଗୁଡ଼ିକର ପ୍ରଥମ ବର୍ଷ ବା ତା ଠୁ ବଡ଼ ସ୍ତରରେ ଅଧ୍ୟୟନ କରୁଥିବେ, ଯଥା ଯୁକ୍ତ ଦୁଇ, ସ୍ନାତକ, ସ୍ନାତକୋତ୍ତର, M. Phil, Phd, Law, Management, Medicine କିମ୍ବା Technical Courses.
- ଆବେଦନକାରୀ ପୂର୍ବରୁ କୌଣସି ମାଗଣା ଲାପଟପ୍ ଗ୍ରହଣ କରି ନଥିବେ |
- ଆବେଦନକାରୀ ନିର୍ଦ୍ଦିଷ୍ଟ ଫର୍ମରେ ସମ୍ପୃକ୍ତ କଲେକ୍ଟରଙ୍କ ନିକଟରେ ଅକ୍ଷମତା ପ୍ରମାଣପତ୍ରର ଏକ ନକଲ ଏବଂ ନାମ ଲେଖାଇଥିବା ଅନୁଷ୍ଠାନର ଅଧକ୍ଷ କିମ୍ବା ଅନୁଷ୍ଠାନର ମୂଖ୍ୟଙ୍କ ସୁପାରିଶ ସହ ଆବେଦନ କରିବେ |

## ୫. ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଯୋଜନା (ବି. ବି. ଏସ୍. ଏ)

ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ (ବିବିଏସ୍ଏ) ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବହୁମୁଖୀ ଯୋଜନା |

### ଉଦ୍ଦେଶ୍ୟ:

- ତୃଣମୂଳ ସ୍ତରରେ ଦିବ୍ୟାଙ୍ଗ ମାନଙ୍କର  ଜନସଂଖ୍ୟା ଉପରେ ଧ୍ୟାନ ଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ସମାନ ସୁଯୋଗ, ସମାନତା, ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ନିଶ୍ଚିତ କରିବାକୁ ଏକ ସକ୍ଷମ ପରିବେଶ ସୃଷ୍ଟି କରିବା |
- ସ୍ୱେଚ୍ଛାସେବୀ କାର୍ଯ୍ୟ ଏବଂ ସମସ୍ତ ହିତାଧିକାରୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଦିବ୍ୟାଙ୍ଗ ମାନଙ୍କର ଅଧିକାର ଅଧିନିୟମ, ୨୦୧୬ ର ପ୍ରଭାବଶାଳୀ କାର୍ଯ୍ୟକାରୀତା ନିଶ୍ଚିତ କରିବା |

- ଦିବ୍ୟାଙ୍ଗମାନଙ୍କ ପୁନର୍ବାସ କାର୍ଯ୍ୟକଳାପକୁ ବିସ୍ତାର କରିବା ଏବଂ ଉଚ୍ଚ-ବୈଷୟିକ ପୁନର୍ବାସ ସେବା ଯୋଗାଇବା ପାଇଁ ସୁବିଧା ସୃଷ୍ଟି କରିବା ।
- ରୋଜଗାର, ସ୍ୱୟଂ ନିଯୁକ୍ତି ଏବଂ ଅନ୍ୟାନ୍ୟ ସାମାଜିକ-ଶିକ୍ଷାଗତ ସେବା ପାଇଁ ଦିବ୍ୟାଙ୍ଗ ମାନଙ୍କ ଦ୍ୱାରା ବ୍ୟକ୍ତିଗତ ଏବଂ ଗୋଷ୍ଠୀ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ।
- ଭିନ୍ନକ୍ଷମଙ୍କ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବା ଏବଂ ରାଜ୍ୟର ସମସ୍ତ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିବା ପାଇଁ ସୁବିଧା ସୃଷ୍ଟି କରିବା ପାଇଁ ବିଦ୍ୟମାନ କାର୍ଯ୍ୟକାରୀ ପ୍ରକ୍ରିୟାକୁ ମଜବୁତ କରିବା ।
- ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ଦିବ୍ୟାଙ୍ଗମାନଙ୍କ ଥଇଥାନ ପାଇଁ ଆବଶ୍ୟକ ସେବା ଗୁଡିକର ସମ୍ପୂର୍ଣ୍ଣ ପରିସର ପ୍ରଦାନ କରିବା ଏବଂ ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଅନ୍ତର୍ଭୁକ୍ତ କରିବା ।

## ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ:



- ସାମର୍ଥ୍ୟ ଶିବିର ଅଭିଯାନ ।
- ବହୁମୁଖୀ ସ୍ମାର୍ଟ କାର୍ଡ ବଣ୍ଟନ ।
- ଦିବ୍ୟାଙ୍ଗମାନଙ୍କୁ ସାହାଯ୍ୟ ଏବଂ ଉପକରଣର ଯୋଗାଣ ।
- ମୋବାଇଲ୍ ଇଲେକ୍ଟ୍ରୋନିକ୍ସ କର୍ମଶାଳା ।
- ଛୋଟ ଅସ୍ତ୍ରୋପଚାର ପାଇଁ ଦିବ୍ୟାଙ୍ଗମାନଙ୍କୁ ସହାୟତା ।
- ଦିବ୍ୟାଙ୍ଗମାନଙ୍କୁ ଆତ୍ମନିଯୁକ୍ତି କିଟ୍ ଯୋଗାଣ ।
- ଆତ୍ମ ନିଯୁକ୍ତି ସହାୟତା ।
- ଜଟିଳ ଅସ୍ତ୍ରୋପଚାର ଏବଂ ସ୍ମାର୍ଟ ଉପକରଣଗୁଡ଼ିକ ପାଇଁ ସମର୍ଥନ ।
- ଉଚ୍ଚଶିକ୍ଷା ଅନୁସରଣ କରୁଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ଛାତ୍ରବୃତ୍ତି ।
- ଦିବ୍ୟାଙ୍ଗମାନଙ୍କ ପାଇଁ ରୋଜଗାର ମେଳାର ଆୟୋଜନ ।
- ଦିବ୍ୟାଙ୍ଗମାନଙ୍କ ପାଇଁ ଦକ୍ଷତା ନବୀକରଣ ତାଲିମ ।
- ଆଇନଗତ ସାକ୍ଷରତା, ପରାମର୍ଶ ଏବଂ ଆଇନଗତ ସହାୟତା ।
- ଦିବ୍ୟାଙ୍ଗମାନଙ୍କର ଅଧିକାର ଅଧିନିୟମ ୨୦୧୬ ର କାର୍ଯ୍ୟକାରିତା ତାଲିମ ।
- ଦିବ୍ୟାଙ୍ଗ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାର ବ୍ୟବସ୍ଥା ।
- କୃତୀ ଛାତ୍ରଛାତ୍ରୀ ମାନଙ୍କୁ ବିଶେଷ ଉତ୍ସାହ ପ୍ରଦାନ ।

## ବିବାହ ପାଇଁ ପ୍ରୋତ୍ସାହନ ରାଶି:

ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବିବାହ ପାଇଁ ପ୍ରୋତ୍ସାହନ ମୂଳକ ରାଶିର ବ୍ୟବସ୍ଥା ରହିଛି ।

## ଯୋଗ୍ୟତା:

- ଯଦି ଅନ୍ୟ କୌଣସି ବ୍ୟକ୍ତି ବେଞ୍ଚମାର୍କ ଅକ୍ଷମତା ଥିବା ବ୍ୟକ୍ତିଙ୍କୁ ବିବାହ କରନ୍ତି, ତେବେ ବେଞ୍ଚମାର୍କ ଅକ୍ଷମତା ଥିବା ପତି-ପତ୍ନୀଙ୍କୁ ନଗଦ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ |
- ବିବାହ ସମୟରେ ବର ଏବଂ କନ୍ୟାର ବୟସ ଯଥାକ୍ରମେ ୨୧ ବର୍ଷ ଏବଂ ୧୮ ବର୍ଷ ହେବା ଆବଶ୍ୟକ ।
- ଏହି ଯୋଜନା ଅଧୀନରେ ପତି-ପତ୍ନୀଙ୍କ ମଧ୍ୟରୁ କେହି ମଧ୍ୟ ପ୍ରୋତ୍ସାହନ ରାଶି ପୂର୍ବରୁ ଗ୍ରହଣ କରି ନଥିବେ ।
- ଉକ୍ତ ବିବାହ ଟି ଯୌତୁକ ମୁକ୍ତ ହେବା ଉଚିତ୍ ।
- ଉଭୟ ସ୍ୱାମୀ / ସ୍ତ୍ରୀ ଓଡ଼ିଶା ରାଜ୍ୟର ବାସିନ୍ଦା ହେବା ଉଚିତ୍ ।

## ପ୍ରୋତ୍ସାହନ ରାଶି:

ଏହି ଯୋଜନା ଅଧିନରେ ହିତାଧିକାରୀ ମାନେ ଏକକାଳୀନ ୨,୫୦,୦୦୦ ଟଙ୍କା ପାଇବେ ।




**Reach us at:**

House No.279, MIG-II, Kanan Vihar Phase-II, Patia, P.S. Info City, Bhubaneswar- 751 031

info@viewsindia.org.in

www.viewsindia.org.in